ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

# ନେହେରୁ ଯୁବ କେନ୍ଦ୍ର ତରଫରୁ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ତା.୨୯/୦୨/୨୦୨୦

ଆଜି ନେହେରୁ ଯୁବ କେନ୍ଦ୍ର ତରଫରୁ ଭୁବନେଶ୍ୱରର ପୋଖରୀପୁଟଠାରେ ଆୟୋଜିତ ହୋଇଥିବା ୧୫ ଦିନିଆ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଗୃହ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମରେ ଅଂଶଗ୍ରହଣ କରିଥିବା ଯୁବକଯୁବତୀଙ୍କୁ ଦେଶ ଗଠନରେ ସାମିଲ ହେବା ସହ ବିଭ୍ରାନ୍ତକାରୀ ତତ୍ତ୍ୱମାନଙ୍କ ଦ୍ୱାରା ବିପଥଗାମୀ ହେବାଠାରୁ କ୍ଷାନ୍ତ ରହିବାକୁ ଉପଦେଶ ଦେଇଥିଲେ ।

ପ୍ରାରମ୍ଭରେ ନେହେରୁ ଯୁବ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ଶ୍ରୀ ଜେ.ପି. ଶର୍ମା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଏହା କିପରି ଯୁବ ମନରେ ରାଷ୍ଟ୍ରୀୟ ଭାବନା ପ୍ରତି ଅନୁପ୍ରାଣିତ କରିବାରେ ସମର୍ଥ ତାହା ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କୁ ମହାରାଷ୍ଟ୍ରର ପୁନେରୁ ଆସିଥିବା ଯୁବପ୍ରତିନିଧିମାନଙ୍କ ଦ୍ୱାରା ଏକ ସ୍ମୃତି ଫଳକ ଭେଟି ଦିଆଯାଇଥିଲା । ପରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ଉଭୟ ଓଡ଼ିଶା ଓ ମହାରାଷ୍ଟ୍ରର ୧୦ଟି ଜିଲ୍ଲାର ୧୦୦ ଜଣ ଯୁବକଯୁବତୀ ଅଂଶଗ୍ରହଣ କରିଛନ୍ତି । ଏଥିରେ ମହାରାଷ୍ଟ୍ରର ଜଲଗାଓଁ, ଭଣ୍ଡାରା, ପୁଣେ, ଥାନେ ଓ ଧୁଲେ ଜିଲ୍ଲାର ପ୍ରତିନିଧି ଥିବାବେଳେ ଓଡ଼ିଶାର କେନ୍ଦ୍ରାପଡ଼ା, କନ୍ଧମାଳ, ଖୋର୍ଦ୍ଧା, ଢେଙ୍କାନାଳ ଓ ପୁରୀର ପ୍ରତିନିଧି ରହିଛନ୍ତି । ଏହି ତାଲିମ କାର୍ଯ୍ୟକ୍ରମ ମଧ୍ୟରେ ଥିଓରୀ ପାଠ ସହ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ସକାଶେ ପୁରୀଧାମ, କୋଣାର୍କ ସମେତ ଭୁବନେଶ୍ୱର ନିକଟବର୍ତ୍ତୀ ଜଙ୍କିଆ ଗ୍ରାମରେ ଗାଆଁରେ ବସବାସ କରୁଥିବା ଲୋକଙ୍କ ଜୀବନଯାପନର ଧାରା ବିଷୟରେ ଅବଗତ ହେବା ପାଇଁ ରାତ୍ରିଯାପନ କରିଥିଲେ । ଆସନ୍ତା ମଇ କିମ୍ବା ଜୁନ୍ ମାସରେ ଓଡ଼ିଶାରୁ ପ୍ରତିନିଧି ଦଳ ତାଲିମ ପାଇଁ ମହାରାଷ୍ଟ୍ର ଯିବାର କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି ।

ଆଜିର ଏହି ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଓ ପୁରୀ ଜିଲ୍ଲାର ଯୁବସଂଗଠକ ଶ୍ରୀ ଆର୍.କେ. ସୋନୀ ଓ ଶ୍ରୀ ଜେ.ଏସ୍. ଜୋଷୀ ଓ ଶ୍ରୀ ପ୍ରଦୀପ କୁମାର ଉପସ୍ଥିତ ଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ